ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Energy(Od)/500/01-07-2024**

## ରଥଯାତ୍ରା ନେଇ ବିଦ୍ୟୁତ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି
## ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ
## ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୦୧/୦୭/୨୦୨୪

ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ପୁରୀ ସହରରେ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କୃଷି ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପୁରୀ ସହରରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ବିଦ୍ୟୁତ ସରବରାହଜନିତ ପ୍ରତିଷେଧକ ଓ ରକ୍ଷଣାବେକ୍ଷଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଆଗାମୀ ରଥଯାତ୍ରା ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବାବଦରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ଚଳିତ ବର୍ଷ ଗ୍ରୀଡ୍‌ଗୁଡ଼ିକର ସୁପରିଚାଳନା ନିମନ୍ତେ ପ୍ରତି ଗ୍ରୀଡ୍‌ରେ କଣ୍ଟ୍ରୋଲ ରୁମ୍‌ମାନ ଖୋଲାଯାଇ ବିଦ୍ୟୁତ ସରବାରାହକୁ ନିୟନ୍ତ୍ରିତ କରାଯିବ । ସହରର ସମସ୍ତ ଗ୍ରୀଡ୍ ଏସ୍‌ଡ଼ିଓଙ୍କ ଅଧିନରେ ପରିଚାଳିତ ହେବା ସହ ପ୍ରତି ସବ୍‌ଷ୍ଟେସନ୍‌ରେ ଦକ୍ଷ ଇଂଜିନିୟରମାନେ ନିୟୋଜିତ ହେବେ ଏବଂ ଓପିଟିସିଏଲ୍ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ । ନିର୍ଦ୍ଦିଷ୍ଟ ଷ୍ଟେସନ୍‌ମାନଙ୍କରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍‌ମାନ ଖୋଲାଯିବାର ପ୍ରାବଧାନ ରହିଛି । ରଥଯାତ୍ରାକୁ ଦୃଷ୍ଟିରେ ରଖି ସହରରେ ତିନିଗୋଟି ପାୱାର୍ ଷ୍ଟେସନ୍‌ର କ୍ଷମତା ବୃଦ୍ଧି କରାଯାଇ ଲୋଡ୍ ପରିଚାଳନାକୁ ଅଧିକ ବ୍ୟବସ୍ଥିତ କରାଯିବ । ପ୍ରତିଷେଧକମୂଳକ ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ ହୋଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ସହରରେ ଥିବା ସମସ୍ତ ବିଦ୍ୟୁତ ଖୁଣ୍ଟି, ତାର ଏବଂ ଟ୍ରାନ୍ସଫର୍ମରଗୁଡ଼ିକର ମରାମତି କାର୍ଯ୍ୟ ସଂପୂର୍ଣ୍ଣ ହୋଇ ସେଗୁଡ଼ିକରେ ବିଦ୍ୟୁତ ନିରୋଧ ଲେପ ଦିଆଯାଇଛି । ଏହା ସହ ବିଦ୍ୟୁତଜନିତ ଦୁର୍ଘଟଣା ଏଡ଼ାଇବା ପାଇଁ ଜନସାଧାରଣଙ୍କ ମଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ 'ସୁରକ୍ଷା ସଚେତନତା ରଥ' ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିବ । ବିଦ୍ୟୁତ ସରବରାହକୁ ତ୍ରୁଟିଶୂନ୍ୟ କରିବା ପାଇଁ ୨୦୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ ଖୁଣ୍ଟି ପୁରୀ ବଡ଼ଦାଣ୍ଡଠାରୁ ଆରମ୍ଭ କରି ଆଖପାଖ ଅଞ୍ଚଳରେ ପୋତା ଯାଇଛି । ଗଛଗୁଡ଼ିକର ଡାଳପତ୍ର ସଫା କରାଯାଇ ବିଦ୍ୟୁତ ତାରଗୁଡ଼ିକୁ ଅବରୋଧମୁକ୍ତ କରାଯାଇଛି । ସମସ୍ତ ସବ୍‌ଷ୍ଟେସନ୍‌ରେ ସୁରକ୍ଷା ଦୃଷ୍ଟିରୁ ତାରବାଡ଼ ଲଗାଯାଇଛି । ରଥଯାତ୍ରା ସମୟରେ ବିଦ୍ୟୁତ ଯୋଗାଣକୁ ସୁବ୍ୟବସ୍ଥିତ କରିବା ପାଇଁ ୮୫ ଜଣ ଅଧିକାରୀଙ୍କ ସମେତ ୮୦୦ରୁ ଊର୍ଦ୍ଧ୍ୱ ଟିପିସିଓଡିଏଲ୍‌ର କର୍ମଚାରୀ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ନିୟୋଜିତ ରହିବେ । ରଥଯାତ୍ରା ସମୟରେ ଆଲୋକୀକରଣକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ୨୧ଟି ଡିଜି ସେଟ୍‌ର ବ୍ୟବସ୍ଥା କରାଯାଇଛି । ଶ୍ରୀମନ୍ଦିର ଏବଂ ପରିକ୍ରମା ପ୍ରକଳ୍ପର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟାପକ ଏଲ୍‌ଇଡି ଲାଇଟ୍‌ର ବ୍ୟବସ୍ଥା କରାଯିବା ସହ ଗୁଣ୍ଡିଚା ଯାତ୍ରାଠାରୁ ବାହୁଡ଼ାଯାତ୍ରା, ନିଳାଦ୍ରି ବିଜେ ପର୍ଯ୍ୟନ୍ତ ଏଲ୍‌ଇଡି ଲାଇଟ୍ ଝଲଝଲ ରହିବ । ସମସ୍ତ ପାର୍କିଂ ସ୍ଥାନ, ଶ୍ରୀଜଗନ୍ନାଥ ଓ ମାଉସୀମା ମନ୍ଦିର ଏବଂ ଅନ୍ୟ ଜନଗହଳି ସ୍ଥାନଗୁଡ଼ିକରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରାଯିବ । କୌଣସି ବୈଦ୍ୟୁତିକ ଦୁର୍ଘଟଣାକୁ ଆଖି ଆଗରେ ରଖି ଭ୍ରାମ୍ୟମାଣ ଟ୍ରାନ୍ସଫର୍ମର, ହାଇଡ୍ରା,

କ୍ରେନ୍ ଏବଂ ପର୍ଯ୍ୟାପ୍ତ ଇନ୍ଧନ ଆଦି ଗଚ୍ଛିତ ରଖାଯିବ । ସେହିପରି ଟିପିସିଓଡିଏଲ୍ ପକ୍ଷରୁ ଦୁଇଗୋଟି ଆମ୍ବୁଲାନ୍ସ ସହିତ ଡାକ୍ତରୀ ଦଳ ନିୟୋଜିତ ରହିବେ ବୋଲି ବୈଠକରେ ପ୍ରକାଶ କରାଯାଇଥିଲା । ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉପଯୁକ୍ତ ସମନ୍ୱୟ ରକ୍ଷାପୂର୍ବକ ଏହି ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସଂପାଦନ କରିବାକୁ ମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ସମେତ ଶକ୍ତି ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଟିପିସିଓଡିଏଲ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ ।

ସରୋଜ କୁମାର ଶତପଥୀ
ସୂଚନା ଅଧିକାରୀ